## ଚିତାଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ

**ଦଶରଥପୁର, ୨୬।୧୨ (ସମିସ):** ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଚିତାଲୋସ୍ଥ ଚିତାଲୋ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପ୍ରୟୋଜିତ ସମନ୍ୱିତ କ୍ରୀଡ଼ା ଯୁବ ବିକାଶ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ୍ ତଥା ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚିତାଲୋ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଚିତାଲୋ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ, ସମିତିସଭ୍ୟ ବିଶ୍ୱଜିତ ରାୟ, ୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର ଓ ଦଶରଥପୁର ବିଜୁ ଜନତା ଦଳର ଛାତ୍ର ସଭାପତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି କର୍ଣ୍ଣାଟକେଶରୀ ଦାସ ଯୁବପିଢ଼ିଙ୍କୁ ବିକାଶରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆ-ଓ ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ଏହି ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ଇଂରାଜୀ ଅଧ୍ୟାପକ ବଟକୃଷ୍ଣ ଦାଶ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ଦେବା ସହ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। କଲେଜ ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ ନିଜ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଉତ୍ସାହିତ କରିଥିଲେ। ଅଧ୍ୟାପକ ରାଜେନ୍ଦ୍ର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣିକୋଇଲି କଲେଜରେ ଗୀତା ଜୟନ୍ତୀ




**ପାଣିକୋଇଲି, ୨୬।୧୨(ସମିସ):** ନୂଆ ଓଡ଼ିଶା ଯୁବ ଓଡିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ପାଣିକୋଇଲିସ୍ଥ ଡିଗ୍ରୀ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ବିରଜା ଗବେଷକ ପଣ୍ଡିତ ଜ୍ଞାନରଞ୍ଜନ ପତି ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ସଭାପତିତ୍ୱ କରି ଗୀତାର ମହତ୍ୱ ଉପସ୍ଥାପନା କରିଥିଲେ। ଏହି ସଭାରେ ଆୟୋଜକ ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ ଆଜିର ବିଜ୍ଞାନ ଯୁଗରେ ଗୀତା ଅଧ୍ୟୟନ ଓ ପଠନର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଜ୍ଞାନ, ଭକ୍ତି, କର୍ମର ଫଳଗୁ ପ୍ରଭାବ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲା। ଏଥିରେ ଅଧ୍ୟାପକ ସମରେନ୍ଦ୍ର ଦାଶ, ମଦନମୋହନ ପାତ୍ର, ସୋମନାଥ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଗୀତାର ମହତ୍ୱ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସତ୍ୟବ୍ରତ ଦାଶ, ସନ୍ତୋଷ କୁମାର ଦାଶ, ଅଭିମନ୍ୟୁ ପଣ୍ଡା, ଶକ୍ତିମୟୀ ଜେନା ଓ ସସ୍ମିତା ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲା ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ପ୍ରତିଷ୍ଠା ଦିବସ



**ସୁକିନ୍ଦା, ୨୬।୧୨(ସମିସ):** ସୋମବାର ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଜିଲ୍ଲା ସଂଗଠନ ପକ୍ଷରୁ ସୁକିନ୍ଦାସ୍ଥ ଯାନ୍ତ୍ରିକ ଭବନରେ ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ସଂଘ ପକ୍ଷରୁ ନୂତନ ବର୍ଷ ୨୦୨୪ର ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ ହୋଇଛି। ସଂଘର ରାଜ୍ୟ ଉପସଭାପତି ସୁଦର୍ଶନ ପ୍ରଧାନ, ସମ୍ପାଦକ ଶ୍ରୀବତ୍ସ ବେହୁରା, ଜିଲ୍ଲା ସଂଘ ଉପଦେଷ୍ଟା ଭିକାରୀ ଚରଣ ଜେନା, ସମ୍ପାଦକ ବିଜୟ ବାରିକ, ବିଷ୍ଣୁପ୍ରସାଦ ରଣାଙ୍କ ସମେତ ସୁକିନ୍ଦା, ବରୀ, ବର୍ଚ୍ଚଣା, ରସୁଲପୁର, ଯାଜପୁର ଉପଖଣ୍ଡର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶାଖା ସମ୍ପାଦକ ଦୁଃଖବନ୍ଧୁ ପୂହାଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ଏସ୍‌ସି ବାୟୋ ଇନଫରମେଟିକ୍ସରେ ସତରୂପାଙ୍କ ସ୍ୱର୍ଣ୍ଣପଦକ ଲାଭ

**ମଙ୍ଗଳପୁର, ୨୬।୧୨(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତସ୍ଥ ମୁରାରୀପୁର ଗ୍ରାମର ପ୍ରମୋଦ ଶତପଥୀ ଓ ବନିତା ଶତପଥୀଙ୍କ ଝିଅ ସତରୂପା ଶତପଥୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ଏମ୍‌ଏସସି ବାୟୋ ଇନଫରମେଟିକ୍ସରେ ଟପ୍ପର ହେବା ସହ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ସତରୂପା ମଙ୍ଗଳପୁରସ୍ଥ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପ୍ରାଥମିକ ଶିକ୍ଷା ପରେ ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ହାଇସ୍କୁଲ



ଶିକ୍ଷା ଓ ଶେଷରେ କନିକାପଡା ପଞ୍ଚାୟତସ୍ଥ ସାଧୁଗୌରେଶ୍ୱର ମହାବିଦ୍ୟାଳୟରେ +୨ ଓ +୩ ବିଜ୍ଞାନ (ରସାୟନ ବିଜ୍ଞାନ ଅନର୍ସ) ଶିକ୍ଷା ଶେଷ କରିଥିଲେ। ୨୦୨୧ରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ଭୁବନେଶ୍ୱରସ୍ଥ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଏମଏସସି ବାୟୋ ଇନଫରମେଟିକ୍ସରେ ନାମ ଲେଖାଇଥିଲେ। ଗତ ୨୦ ତାରିଖରେ ଫଳ ପ୍ରକାଶ ପାଇଥିଲା। ସେଥିରେ ସତରୂପା ୮୧.୧% ନମ୍ବର ରଖି ଟପ୍ପର ହୋଇଛନ୍ତି। ସେ ଏବେ ଡ୍ରଗ୍ସ (ମେଡିସିନ) ଡିଜାଇନ ଆଣ୍ଡ ଡେଭଲପମେଣ୍ଟରେ ରିସର୍ଚ୍ଚ କରିବାକୁ ଆଶା ପ୍ରକଟ କରିଛନ୍ତି।

### କାର୍ଯ୍ୟକାରୀ କରୁନି ବ୍ଲକ୍ ପ୍ରଶାସନ

# କାମରେ ଆସୁନି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟ

**ବାଲିଚନ୍ଦ୍ରପୁର, ୨୬।୧୨(ସମିସ)**






କଟକ-ଯାଜପୁର-କେନ୍ଦ୍ରାପଡ଼ା ଜିଲ୍ଲାର ସୀମାନ୍ତବର୍ତ୍ତୀ ତଥା ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାର ଏକ ପ୍ରମୁଖ ଓ ପୁରାତନ ବାଣିଜ୍ୟିକ ପେଣ୍ଠସ୍ଥଳୀ ହୋଇଥିଲେ ମଧ୍ୟ ଏହା ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛି। ତେବେ ଏହି ବଜାରରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବ୍ଲକ୍ ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରୁ ନ ଥିବାରୁ ଭୂତକୋଠି ପାଲଟିଛି। ଫଳରେ ଏହା ଲୋକଙ୍କ କାମରେ ଲାଗୁନି। ଏଥିପ୍ରତି ବ୍ଲକ୍ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ବାଲିଚନ୍ଦ୍ରପୁର ବଜାର ପ୍ରାୟ ୬୦/୭୦ ବର୍ଷର ପୁରୁଣା ଗ୍ରାମୀଣ ବଜାର ହୋଇଥିବାବେଳେ ପ୍ରାୟ ହଜାରରୁ ଅଧିକ ଛୋଟ ବଡ଼ ବ୍ୟବସାୟୀଙ୍କ ବ୍ୟବସାୟ ପ୍ରତିଷ୍ଠାନ ଏଠାରେ ରହିଛି। ୧୦ରୁ ଅଧିକ ଶିକ୍ଷାନୁଷ୍ଠାନ, ୫ରୁ ଅଧିକ ବ୍ୟାଙ୍କ, ପୁଲିସ ଥାନା, ତେଲଟାଙ୍କି ରହିଥିବାବେଳେ ଚଳଚଞ୍ଚଳ ଓ ଗୁରୁତ୍ୱପୂର୍ଣ୍ଣ ଚଣ୍ଡୀଖୋଲ-ପାରାଦୀପ ୫୩ ନଂ ଜାତୀୟ ରାଜପଥ ଏହାକୁ ସଂଯୋଗ କରୁଛି। ମଙ୍ଗଳବାର ଓ ଶନିବାର ଦୁଇଦିନ ସାପ୍ତାହିକ ହାଟ ଏଠାରେ ବସିଥାଏ। ପ୍ରତ୍ୟହ ଶତାଧିକ ଚାଷୀ, ବ୍ୟବସାୟୀ, ସାଧାରଣ ଲୋକ, ଛାତ୍ରଛାତ୍ରୀ ଏହି ବଜାର ଉପରେ ନିର୍ଭର କରିଥା'ନ୍ତି। ଏପରିକି କଟକ ଜିଲ୍ଲାର ମାହାଙ୍ଗା-କୁଆଁପାଳ, ବରୀ-ଡେରାବିଶ ଅଞ୍ଚଳ, କେନ୍ଦ୍ରାପଡ଼ା-ପଞ୍ଚୁପାଣ୍ଡବ ଓ ଯାଜପୁର-ବରୁଆଁ-ବ୍ରହ୍ମବରଦା ଓ ଚଣ୍ଡୀଖୋଲ ଅଞ୍ଚଳରୁ ବିଭିନ୍ନ କାମରେ ଲୋକମାନେ ବାଲିଚନ୍ଦ୍ରପୁର ବଜାର ଉପରେ ନିର୍ଭର କରିଥା'ନ୍ତି । ବାଲିଚନ୍ଦ୍ରପୁର ଥାନାଠାରୁ କଲେଜ ରୋଡ୍ ପର୍ଯ୍ୟନ୍ତ ହଜାରେରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ, ଖୁଚୁରା ଉଠାଦୋକାନ ରହିଥିବାବେଳେ ଓ ପ୍ରତ୍ୟହ ଶହ ଶହ ଲୋକ ବାଲିଚନ୍ଦ୍ରପୁର ବଜାର ଉପରେ ନିର୍ଭର କରୁଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ଶୌଚାଳୟକୁ ବନ୍ଦ କରି ରଖାଯାଇଛି।

୨୦୧୯ରେ ଏହି ଗୋଷ୍ଠୀ ଶୌଚାଳୟ ଲୋକାର୍ପିତ ହୋଇଥିଲା। କିଛିଦିନ ପରେ ଏହି ଶୌଚାଳୟଟି ବନ୍ଦ ହୋଇପଡିଛି। ବାଲିଚନ୍ଦ୍ରପୁର ବଜାରକୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଆସୁଥିଲେ ମଧ୍ୟ ଶୌଚାଳୟ ବନ୍ଦ ହୋଇଯିବା ଓ ପଟ୍ଟାମୁଣ୍ଡାଇ କେନାଲରେ ପାଣି ନ ଥିବାରୁ ଯାତ୍ରୀମାନେ ପାଇଖାନା ଓ ପରିସ୍ରା କରିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୟୁରିନାଲ ସବୁ ସଫା ନ ହେବା ଯୋଗୁଁ ଦୁର୍ଗନ୍ଧ ହେଉଥିବାରୁ ପରିବେଶ ମଧ୍ୟ ଦୂଷିତ ହେଉଛି। ଶୌଚାଳୟ ପାଖରେ ଏକ ଶୀତଳ ପାନୀୟ ଜଳର ବ୍ୟବସ୍ଥା ଥିଲେ ମଧ୍ୟ ତାହା ବନ୍ଦ ହୋଇପଡିଛି। ତାହାର ପରିଚାଳନା କିଭଳି କରାଯିବ ସେଥିପାଇଁ କୋ÷ଣସି ନିଷ୍ପତ୍ତି ହୋଇପାରୁନାହିଁ। ମୁଖ୍ୟମନ୍ତ୍ରୀ ପରିବେଶ ସ୍ୱଚ୍ଛତା ଓ ସ୍ୱଚ୍ଛ ପାନୀୟ ଜଳ ପାଇବା ପାଇଁ ବହୁ ଯୋଜନା ନିରୂପଣ କରିଛନ୍ତି। କିନ୍ତୁ ଦୁଃଖର କଥା ବାଲିଚନ୍ଦ୍ରପୁର ବଜାର ଏକ ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀ ହୋଇଥିଲେ ମଧ୍ୟ ଏକ ଶୌଚାଳୟ, ପିଇବା ପାଇଁ ପାନୀୟ ଜଳର ସୁବ୍ୟବସ୍ଥା, ବଜାର ଆଲୋକୀକରଣ, ରାସ୍ତାଘାଟର ସୁବିଧା କରିବା ପାଇଁ ବାଲିଚନ୍ଦ୍ରପୁର ବଣିକ ସଂଘ ଓ ଯାତ୍ରୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ଖୁବଶୀଘ୍ର ଗୋଷ୍ଠୀ ଶୌଚାଳୟ ଲୋକମାନଙ୍କ ସେବାରେ ଲାଗିବ ବୋଲି ମତ ଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

**କୋରେଇ, ୨୬।୧୨(ସମିସ)**



କୋରେଇ ବ୍ଲକ ଅନ୍ତର୍ଗତ ରଗଡ଼ିର ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମା' କାମୁଡ଼େଇ ପୀଠରେ ଥିବା ସଂଘ କାର୍ଯ୍ୟାଳୟରେ ଏହାର ଉନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଂଘର ସ୍ଥାୟୀ ସଭାପତି ବାବାଜୀ ଚରଣ ଚକ୍ରଙ୍କ ସଭପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରବି ଶତପଥୀ, ସମ୍ମାନିତ ଅତିଥି ଭାବେ କୋରେଇ ଉନ୍ନୟନ ପରିଷଦର ସଭାପତି ଶ୍ରୀଧର ଦାସ, ଶିକ୍ଷାବିତ ଅକ୍ଷୟ କୁମାର ରାଉତ ଯୋଗ ଦେଇଥିଲେ। ଉକ୍ତ ସଭାକୁ କାର୍ଯ୍ୟକାରୀ ସଭାପତି ଡକ୍ଟର ଯଦୁମଣି ଦାସ ପରିଚାଳନା କରିଥିଲେ। ଏ ଅବସରରେ ଉପସ୍ଥିତ ଅତିଥିଙ୍କ ସହିତ ବନମାଳୀ ଆଚାର୍ଯ୍ୟ, ମଙ୍ଗୁଳି ଚରଣ ଦାସ, ସୁନୀଲ ଚନ୍ଦ୍ର ରାଉତ ପ୍ରମୁଖ ଅବସରପ୍ରାପ୍ତ ସମୟ, ବଞ୍ଚିବାର ଶୈଳୀ ଓ ସଂଗଠନ ଉପରେ ଆଲୋକପାତ କରିଥିଲେ। ସଂଘର ବାର୍ଷିକ ମୁଖପତ୍ର 'ଅବସର' ପତ୍ରିକା ଉନ୍ମୋଚିତ ହୋଇଥିଲା। ସଂଘର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ପାଣ୍ଡୁ ଚରଣ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୨-୨୩ରେ ଦଶମ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୨ଟି ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯିବା ସହିତ ଚାରା ମଧ୍ୟ ପ୍ରଦାନ କରାଯାଇଥିଲା। ସଂଘର ବରିଷ୍ଠ ସଭ୍ୟ ତଥା ଅବସର ପତ୍ରିକାର ସମ୍ପାଦକ ମଦନମୋହନ କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂଘର ସାଧାରଣ ସମ୍ପାଦକ ଜଗତବଲ୍ଲଭ ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଶରତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଫକୀର ଚରଣ ନାୟକ, କୈଳାସ ଚନ୍ଦ୍ର ସାମଲ, ନବଘନ ପତି, ରବିନାରାୟଣ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଜନଜାତି ଓ ଅନୁସୂଚିତ ଜାତି କ୍ରୀଡ଼ା ଉତ୍ସବ

**ବଡ଼ଚଣା, ୨୬।୧୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଓ ଜିଲ୍ଲା କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଏକଦିବସୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁକାନ୍ତ ମାଧବ ରାଉତ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିବାବେଳେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୀର୍ତ୍ତି କୁମାର ପାତ୍ର କ୍ରୀଡ଼ା ପତାକା ଦେଖାଇ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଜିଲ୍ଲାର ୨୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ୩୬ଟି କ୍ରୀଡ଼ା ବିଭାଗ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଅମୀୟ ପ୍ରସାଦ ତ୍ରିପାଠୀ ଯୋଗଦେଇ କ୍ରୀଡା ସମ୍ପର୍କରେ



ବିଭିନ୍ନ ଆଲୋଚନା କରିଥିଲେ। ଏ ଅବସରରେ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସବର ଅତିଥି ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଆଶୁତୋଷ ଦେବୀ ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ମିତାରାଣୀ ମଲ୍ଲିକ, ଶିକ୍ଷକ ପ୍ରିୟବ୍ରତ ସାମଲ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଦାମୋଦର ବେହେରା, ନୀଳମଣି ସେଠୀ, ଧନଞ୍ଜୟ ଦାସ, ପୁଷ୍ପଲତା ମହାପାତ୍ର, ପ୍ରସନ୍ନ ବେହେରା, ପ୍ରଦ୍ୟୁମ୍ନ ନାୟକ, ସୁଧାକର ସେଠୀ ସୁଶାନ୍ତ ରାଉଳ, ରାକେଶ ସ୍ୱାଇଁ ଅଳକା ରାୟ, ସୁବ୍ରତ ମଲ୍ଲିକ ଓ ଅର୍ଚ୍ଚନା ପଣ୍ଡା ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ।

## ସାଧକ ବଳରାମ ବାନପ୍ରସ୍ଥୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା

**ବିଂଝାରପୁର, ୨୬।୧୨(ସମିସ):** ସଂସ୍କୃତ ଭାଷାରୁ ଓଡ଼ିଆ ଭାଷାକୁ ଅନୁବାଦିତ ଶ୍ରୀମଦ ଭାଗବଦ୍ ମହାପୁରାଣର ଭାଷ୍ୟକାର ସାଧକ ବଳରାମ ବାନପ୍ରସ୍ଥୀଙ୍କ ପ୍ରତିମୂର୍ତ୍ତି ତାଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀରେ ବିଂଝାରପୁର ଯଜ୍ଞ ପଡିଆରେ ପ୍ରତିଷ୍ଠା କରଯା।ଇଛି। ଭାଗବଦ୍ ସେବାଶ୍ରମ ପକ୍ଷରୁ ରାଜସ୍ଥାନରେ ଏହି ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ଏଠାରେ ଗତ ୨୫ ତାରିଖରେ ପ୍ରତିଷ୍ଠା କରାଯାଇଛି। ଏହି ପ୍ରତିମୂର୍ତ୍ତିକୁ ସମଗ୍ର ବିଂଝାରପୁର ବଜାର



ଓ ଗାଁରେ ପରିକ୍ରମା କରାଯାଇଥିଲା। ଏଠାରେ ବାନପ୍ରସ୍ଥୀଙ୍କ ଶ୍ରାଦ୍ଧ ଦିବସ ପାଳନ ଉପଲକ୍ଷେ ୭ ଦିନ ଧରି ଅନୁଷ୍ଠିତ ଭାଗବତ ମହୋତ୍ସବ ଓ ଧର୍ମ ସଭା କରାଯାଇଥିବାବେଳେ ଆଜି ଉଦ୍‌ଯାପିତ ହୋଇଯାଇଛି। ଏ ଅବସରରେ ସାଧକ ବଳରାମ ବାନପ୍ରସ୍ଥୀ ସମ୍ମାନ ବିଶିଷ୍ଟ ପ୍ରବଚକ ବାବାଜୀ ସତ୍ୟାନନ୍ଦ ଦାସମହାରାଜ (ଜଗତସିଂହପୁର)ଙ୍କୁ ପ୍ରଦାନ କରାଯାଇଛି। ଭକ୍ତ ପ୍ରଶାନ୍ତ କୁମାର ସାହୁ ମାନପତ୍ର ପାଠ କରିଥିଲେ। ଆଶ୍ରମର ମୁଖ୍ୟ ଉପଦେଷ୍ଟା ହରେକୃଷ୍ଣ ପଣ୍ଡା ସଭାପତିତ୍ୱ କରି କହିଲେ, ବିଂଝାରପୁର ଖରସ୍ରୋତା ବେଳାଭୂମିଟି ଆଜି ଏକତୀର୍ଥ ଭୂମିରେ ପରିଣତ ହୋଇଯାଇଛି। ୧୯୫୬ରୁ ବାନପ୍ରସ୍ଥୀ ଆରମ୍ଭ କରିଥିବା ଯଜ୍ଞ ଅଦ୍ୟାବଧି ଉଜ୍ଜୀବିତ ରହିଛି। ଏବେ ୨୫ ବର୍ଷ ଧରି ପ୍ରଶାନ୍ତ ସାହୁଙ୍କ ଉଦ୍ୟମରେ ହୋଇ ଆସୁଥିବା ଧର୍ମ ମହାସଭାର ୨୫ ବର୍ଷ ପୂର୍ତ୍ତି ମଧ୍ୟ ମିଳିତ ଭାବେ ପାଳନ କରାଯାଇଛି। ଆଗାମି ପିଢି ଏହି ଆନ୍ଦୋଳନକୁ ବଞ୍ଚାଇ ରଖିବା ପାଇଁ ସେ ନିବେଦନ କରିଥିଲେ।

## ପ୍ଲାଟିନମ୍ କପ୍ କ୍ରିକେଟ୍; ବିନ୍ଦାସ ଫ୍ରେଣ୍ଡସକୁ ହରାଇ ଗ୍ଲୋଇଂ ଷ୍ଟାର୍ ଚାମ୍ପିଅନ୍

ଶଙ୍ଖଚିଲା, ୨୬।୧୨(ସମିସ): ହିଙ୍ଗୁଳା ହାଇସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ ଚାଲିଥିବା ପ୍ଲାଟିନମ୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ୨୦୧୮ ର ଗ୍ଲୋଇଂ ଷ୍ଟାର ଫ୍ରେଣ୍ଡସ କ୍ଲବ୍ ୨୦୦୮ ର ବିନ୍ଦାସ୍ ଫ୍ରେଣ୍ଡସକୁ ହରାଇ ଚାମ୍ପିଅନ୍ ହୋଇଛି। ଶଙ୍ଖଚିଲା ହିଙ୍ଗୁଳା ପଡିଆରେ ଆୟୋଜିତ ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବିଦ୍ୟାଳୟରୁ ୧୯୮୮ରୁ ୨୦୨୩ ପର୍ଯ୍ୟନ୍ତ ୩୬ଟି ପୁରାତନ ଛାତ୍ର ବ୍ୟାଚ୍ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଚଗୁଲୁ ସାହୁ (୨୦୧୮), ମ୍ୟାନ ଅଫ୍ ଦି ସିରିଜ୍ ସ୍ୱଦେଶ ସାହୁ (୨୦୧୮), ବେଷ୍ଟ ବ୍ୟାଟ୍ସମ୍ୟାନ୍ ସୌମ୍ୟରଞ୍ଜନ ବିଦ୍ଧାଣି (୨୦୦୮), ବେଷ୍ଟ ବୋଲର ଫକିର(୨୦୦୫) ଓ ବେଷ୍ଟ ଫିଲ୍ଡର ଭାବେ ୨୦୨୧ର ରାଜୁଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ସମସ୍ତ ସମସ୍ତ ୩୬ଟି ଦଳକୁ ସମ୍ବର୍ଦ୍ଧିତ କରାଯିବା ସହ ବାଲୁକା କଳା ତଥା ପ୍ଲାଟିନମ୍ ଭିଲେଜ୍ ପାଇଁ ରିତିକ୍ କ୍ରିଏସନ୍‌ର ରିତିକ୍ ଆଦିତ୍ୟ ଜେନା, କୋସପୋର୍ଟର ବିଶାଳ ସ୍ପୋର୍ଟ୍ସ, ହିଙ୍ଗୁଳା ଏଣ୍ଟରପ୍ରାଇଜର୍ସ, ଷ୍ଟୁଡିଓ ଲେନ୍ସ, ଓମ୍ ଟେଲିମାର୍ଟସ୍, କ୍ରିଷ୍ଣା ଫଟୋଗ୍ରାଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଂଘର କାର୍ଯକାରୀ ସଭାପତି ଶ୍ରୀଧର ଦାସ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ, ବୈକୁଣ୍ଠ ଚରଣ ଜେନା, ଭଗବାନ ମଲିକ, ଉପସଭାପତି ବିଷ୍ଣୁଚରଣ ସାହୁ, ସସ୍ମିତେଶ ସାହୁ, ସମ୍ପାଦକ ବିନୋଦ ବିହାରୀ ସାହୁ, ସହସମ୍ପାଦକ ଦେବ ପ୍ରକାଶ ସାହୁ, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ଜେନା, ଅନନ୍ତ ଚରଣ ମଲିକ, ସଂଗଠନ ସମ୍ପାଦକ ସୌମ୍ୟବ୍ରତ ସାହୁ, କୋଷାଧ୍ୟକ୍ଷ ରଘୁନାଥ ସାହୁ, ପରିଚାଳନା କମିଟି ପକ୍ଷରୁ କୈଳାସ ଚନ୍ଦ୍ର ପଣ୍ଡା, ଆର୍ଯ୍ୟ ବିଭାସ ନାୟକ, ଆଦିତ୍ୟ କୁମାର ସାହୁ, ବିମଳେନ୍ଦୁ ସାହୁ, ଅମୀୟ କୁମାର ସାହୁ, ସନ୍ତୋଷ କୁମାର ବେହେରା, ଆଲୋକ କୁମାର ଦାଶ ପ୍ରମୁଖ ପରିଚାଳନା କରିଥିଲେ।




### ଯାଜପୁର ନ୍ୟୁଜ୍‌ର ଦ୍ୱିତୀୟ ସ୍ୱନକ୍ଷତ୍ର

# 'ସାମାଜିକ ଗଣମାଧ୍ୟମରୁ ପ୍ରକୃତ ଖବର ସାମ୍ନାକୁ ଆସୁଛି'

**ଯାଜପୁର, ୨୬।୧୨(ସମିସ)**




ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏବେ ଚାପଗ୍ରସ୍ତ ହୋଇ ମୁଖ୍ୟଧାରାର ଗଣମାଧ୍ୟମ ପ୍ରକୃତ ସତ୍ୟ ଓ ତଥ୍ୟକୁ ଲୋକଲୋଚନକୁ ଆଣୁ ନ ଥିବାବେଳେ ସାମାଜିକ ଗଣମାଧ୍ୟମ ଅନେକ ଲୁକ୍କାୟିତ ତଥ୍ୟକୁ ସାମ୍ନାକୁ ଆଣୁଛନ୍ତି। ଅନେକ ଅପ୍ରାସଙ୍ଗିକ ଖବରକୁ ଦିନରାତି ଚଲାଇ ଦର୍ଶକଙ୍କ ସମୟ ନଷ୍ଟ କରୁଛନ୍ତି ବୋଲି ୱେବ୍ ଚ୍ୟାନେଲ ଯାଜପୁର ନ୍ୟୁଜ୍‌ର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ଅବସରରେ ଉଦଘାଟକ ଭାବେ ଯୋଗ ଦେଇ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଉପରୋକ୍ତ ମତ ପ୍ରକାଶ କରିଛନ୍ତି।

ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ସାମ୍ବାଦିକ ଶରତ ଚନ୍ଦ୍ର ପଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ଯୋଗଦେଇ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ସମ୍ପର୍କରେ ସୁଦୀର୍ଘ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଷ୍ଟେଟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ଯାଜପୁର ନ୍ୟୁଜର ମୁଖ୍ୟ ବିରଞ୍ଚି ଦାସ ପ୍ରମୁଖ ଯୋଗଦେଇ ଯାଜପୁର ନ୍ୟୁଜର ୨ ବର୍ଷର ସଫଳ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ଓ ଯୁବ ସାମ୍ବାଦିକ ସନ୍ଦୀପ୍ତ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଯାଜପୁର ନ୍ୟୁଜର ପ୍ରତିନିଧି ଚିନ୍ମୟ ନାୟକ, ସ୍ନେହାଂଶୁ ମହାନ୍ତି, ବସନ୍ତ ପଲେଇ, ଆଲୋକ ପହୀ, ଆଶୁତୋଷ ବଳ, ଶ୍ରୀକାନ୍ତ ମହାପାତ୍ର, ପାର୍ଥସାରଥି ବାରିକ, ପ୍ରତ୍ୟୁଷ ନାୟକ ଓ ଅଶୋକ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଚଳିତ ବର୍ଷ ପାଇଁ ଶ୍ରେଷ୍ଠ ପ୍ରତିନିଧି ଭାବେ ସୋନାଲିକା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ବ୍ୟାସନଗର, ୨୬।୧୨(ସମିସ):** ବ୍ୟାସନଗର ମୁଣ୍ଡମାଳସ୍ଥ ଆମ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବରିଷ୍ଠ ବିଚାରପତି ତଥା ପୂର୍ବତନ ସମ୍ପାଦକ ରଜତ କୁମାର ରାଉତ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଯୋଗଦେଇ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ହେମନ୍ତ କୁମାର ପାଣିଗ୍ରାହୀ (ସହମନ୍ତ୍ରୀ ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ) ଅଂଶଗ୍ରହଣ କରି ଶିକ୍ଷାବିକାଶ ସମିତିର ବ୍ୟବସ୍ଥା ଓ ବିଦ୍ୟାଳୟର ଭବିଷ୍ୟତ ଉଜ୍ଜ୍ୱଳ କରିବାର ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସଭାପତି ବିଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ଦିଲ୍ଲୀପ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ଦାଶ ଅତିଥି ପରିଚୟ ପ୍ରଦାନ କରିବା ପରେ ସହପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ ବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କ ନାମ ଘୋଷଣା ପୂର୍ବକ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ତଥା ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ଦିଗନ୍ତ କୁମାର ରାଉତ ଉପସ୍ଥିତ ଥିଲେ। ଉପସଭାପତି ଦୁର୍ଯ୍ୟୋଧନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ସମିତି କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରା, ସଭ୍ୟା କବିତା ପଲାର, କାର୍ମିମଣି ମାର୍ଣ୍ଡି ଉପସ୍ଥିତ ଥିଲେ।



## ବିଜେଡିର ୨୭ତମ ପ୍ରତିଷ୍ଠା ପ୍ରତିଷ୍ଠା ଦିବସ

# 'କ୍ଷମତା ଲୋଭ ନୁହେଁ, ମମତା ଡୋରିରେ ବିଜେଡି ବନ୍ଧା'



ବଡଚଣା


ଯାଜପୁର

**ବଡଚଣା, ୨୬।୧୨(ସମିସ):**

ବଡଚଣା ବିଜୁ ଜନତା ଦଳ ପକ୍ଷରୁ ଛତିଆ ଫୁଟବଲ ପଡ଼ିଆରେ ଦଳର ୨୭ତମ ପ୍ରତିଷ୍ଠା ଦିବସ ସଭାପତି ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାଂସଦ ଶର୍ମିଷ୍ଠା ସେଠୀ ଯୋଗଦେଇ ନବୀନ ବାବୁଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ପାଇଁ ଓଡ଼ିଶା ଆଜି ଭାରତ ଦରବାରରେ ୧ନଂ ହୋଇ ନିଜର ଆଧିପତ୍ୟ ବିସ୍ତାର କରିଛି। କେନ୍ଦ୍ରର ସମସ୍ତ ବିରୋଧ ସତ୍ତ୍ୱେ ନବୀନବାବୁ ସମସ୍ତ ଯୋଜନା ପ୍ରଣୟନ କରି ରାଜ୍ୟର ସବୁ ବର୍ଗର ଜନସାଧାରଣଙ୍କୁ ସୁବିଧା ଯୋଗାଇ ଦେଉଛନ୍ତି ।୨୦୨୪ରେ ପୁଣି ନବୀନ ପଟ୍ଟନାୟକ ରାଜ୍ୟର ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବେ । ଏଥିରେ ତିଳେମାତ୍ର ଦ୍ୱିଧା ନାହିଁ। ବଡଚଣା ସଂଗ୍ରାମୀର ମାଟି, ଏଠାକାର ଜନସାଧାରଣ ଆଗାମୀ ଦିନରେ ମଧ ସଂଗ୍ରାମ କରି ଅମର ପ୍ରସାଦ ଶତପଥୀଙ୍କୁ ୭ମ ଥର ନିର୍ବାଚିତ କରିବେ ବୋଲି ଆଜିର ଏହି ସାମବେଶରୁ ସ୍ପଷ୍ଟ ବାରି ହୋଇଯାଉଛି। ଅନ୍ୟତମ ଅତିଥି ବିଧାୟକ ଅମର ପ୍ରସାଦ ଶତପଥୀ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସହ ଏତେମାତ୍ରାରେ ଯୋଗ ଦେଇଥିବାରୁ ଆଜିର ଏହି ସମାବେଶରୁ ଜଣାପଡୁଛି ଯେ ବଡଚଣା ବିଜେଡି ବୋଧେ ୨୦୨୪ର ବିଜୟ ଯାତ୍ରା ପାଳନ କରୁଛି। କ୍ଷମତାର ଲୋଭ ନୁହେଁ ମମତାର ଡୋରୀରେ ଲୋକଙ୍କୁ ବାନ୍ଧି ରଖିବା ବିଜେଡିର ମୂଳ ଲକ୍ଷ୍ୟ ବୋଲି ବିଧାୟକ କହିଥିଲେ। ନବୀନ ସରକାର ବହୁ ଯୋଜନା କରିବା ସହ ପ୍ରତ୍ୟେକ ଗ୍ରାମକୁ ପକ୍କା ରାସ୍ତା, ସ୍ୱଚ୍ଛ ପାନୀୟଜଳ ଓ କୃଷକଙ୍କୁ ସ୍ୱତନ୍ତ୍ର ସୁବିଧା, ଯୁବ ଛାତ୍ରଙ୍କୁ ମଧ ଉତ୍ସାହିତ କରୁଛନ୍ତି। ଆଗାମୀ ଦିନରେ ବିରୋଧିଙ୍କ କୌଣସି ଅସ୍ତ୍ର କାମ ଦେବନି। ଟିମ୍ ବଡଚଣାର ଅଧକ୍ଷ ଯୁବ ସାମଜସେବୀ ଅଦ୍ୱୈତ୍ୟ ଶତପଥୀ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ପ୍ରସାଦ ନାୟକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମିରେଖା ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମହାନ୍ତି, ଜୟଶ୍ରୀ ସାମଲ, ଆମ୍ବା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ମିହିର ସ୍ୱାଇଁ, ନିରଞ୍ଜନ ସେନାପତି, ଶାରଦା ମହାନ୍ତି, ଅମର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜୋନ ସଭାପତି ବାସୁଦେବ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛତିଆ ପଞ୍ଚାୟତ ବିଜେଡି ସଭାପତି ଗିରିଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଯାଜପୁର

### ବ୍ୟାସନଗର

ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ମଙ୍ଗଳବାର ସକାଳ ୯ ଘଟିକା ସମୟରେ ବ୍ୟାସନଗର ସହରର ନହକାସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବ୍ୟାସନଗର ବିଜେଡି ପକ୍ଷରୁ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ପ୍ରଥମେ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଗଣଦୌଡ଼ରେ ସାମିଲ ହୋଇଥିଲେ ହଜାର ହଜାର ଦଳୀୟ କର୍ମୀ ଏବଂ କର୍ମକର୍ତ୍ତା। ଏ ପରିପ୍ରେକ୍ଷୀରେ ବ୍ୟାସନଗର ବିଜେଡି ସାଧାରଣ ସମ୍ପାଦକ ମହେଶ ଧଳଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଅଶୋକ କୁମାର ବଳ, ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ସବିତା ରାଉତ, ପୌର ପରିଷଦ ଅଧ୍ୟକ୍ଷା ସଂଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ପୂର୍ବତନ ଅଧ୍ୟକ୍ଷ ରସାନନ୍ଦ ମହାନ୍ତି ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଯୁବ ବିଜେଡି ପକ୍ଷରୁ ଆୟୋଜିତ ହୋଇଥିଲା ଗଣଦୌଡ଼। ଏହି ଗଣଦୌଡ଼ରେ ବ୍ୟାସନଗର ସହରର ଛାତ୍ରଛାତ୍ରୀ, ଯୁବ, ଯୁବତୀ ଓ ମହିଳାମାନେ ସହର ସାରା ଦୌଡ଼ି ବ୍ୟାସନଗରସ୍ଥ ଏସସି ହାଇସ୍କୁଲ ଖେଳ ପଡିଆରେ ପହଞ୍ଚିଥିଲେ।

**ଯାଜପୁର:** ଯାଜପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଆଜି ସକାଳେ ବିରଜା କଲ୍ୟାଣ ମଣ୍ଡପରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଯାଜପୁର ବିଜୁ ଜନତା ଦଳ ସଭାପତି ସରୋଜ ମହାପାତ୍ରଙ୍କ ନେତତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଯୁବ ବିଜେଡି ନେତା ସତ୍ୟ ପ୍ରକାଶ ଦାସ, ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଯାଜପୁର ନଗର ସଭାପତି ମନୋଜ ସାହୁ, ପୌରପାଳିକାର ସମସ୍ତ କାଉନସିଲରଙ୍କ ସମେତ ଚିତାଳ, ଖଣ୍ଡରା ପଞ୍ଚୟତର ସରପଞ୍ଚ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅପରାହ୍ନରେ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଜିଲ୍ଲା ବିଜେଡି ଉପସଭାପତି ପ୍ରକାଶ ତ୍ରିପାଠୀ, ଗଣେଶ ମହାକୁଡ ପ୍ରମୁଖ ଯୋଗଦେଇ ୨୭ ବର୍ଷର ବିଜେଡି ସରକାରଙ୍କ ସୁଶାସନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଓ ଦଶରଥପୁରର ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ। ପରେ କୁସୁମା ପଡ଼ିଆରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିଜେଡ଼ିର ୨୭ ବର୍ଷ ପୂର୍ତ୍ତି ଅବସରରେ ଯୁବ ନେତା ସତ୍ୟ ପ୍ରକାଶ ଦାସଙ୍କ ନେତୃତ୍ୱରେ ଏକ ବିଶାଳ କେକ୍ କରାଯାଇଥିଲା। ଏ ଅବସରରେ ନଗର ସଭାପତି ମନୋଜ ସାହୁ, ରାଜ୍ୟ ଛାତ୍ର ସାଂଗଠନିକ ସମ୍ପାଦକ ଚିତ୍ତ ରଂଜନ ବେହୁରା, ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ଦେବଦତ୍ତ ଦାସଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ ଯୁବ ଓ ଛାତ୍ର ବିଜେଡିର ନେତା ଓ କର୍ମୀ ଉପସ୍ଥିତ ଥିଲେ।

**କୋରେଇ:** କୋରେଇ ନିର୍ବାଚନ ମଣ୍ଡଳୀ ବିଜୁ ଜନତାଦଳ ପକ୍ଷରୁ ଦଳର ୨୬ ବର୍ଷ ପୂର୍ତ୍ତି ତଥା ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବରୁଣ୍ଡେଇ ଖେଳ ପଡ଼ିଆରେ ଏକ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀର ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ତଥା କୋରେଇର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ।୨୬ ବର୍ଷରେ ଓଡିଶାର ବିକାଶର ପର୍ବ ପ୍ରତି ନିର୍ବାଚନ ମଣ୍ଡଳୀରେ ପାଳନ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ, ୨୬ ବର୍ଷର ନିରବଚ୍ଛିନ୍ନ ସେବା, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଯୋଜନା, ମହିଳାଙ୍କ ସଶକ୍ତିକରଣ ଆଦି ଜନହିତକର କାର୍ଯ୍ୟକ୍ରମ ପାଇଁ ଓଡିଶା ସାରା ବିଶ୍ୱରେ ପରିଚିତ ତଥା ପ୍ରତିଷ୍ଠିତ ହୋଇପାରିଛି ବୋଲି କହିଥିଲେ। ଏହି ଉତ୍ସବରେ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ବ୍ୟାସନଗର ପୌରପାଳିକା ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ବିଧାୟକଙ୍କ ପ୍ରତିନିଧି ତାରକେଶ୍ୱର ମହାନ୍ତି, କୋରେଇ ବ୍ଲକ ଯୁବ ବିଜେଡି ସଭାପତି ସୌଭାଗ୍ୟ କୁମାର ମହାନ୍ତି, ଛାତ୍ର ସଭାପତି ମଧୁସୂଦନ ଶତପଥୀ, କୋରେଇ ନିର୍ବାଚନ ମଣ୍ଡଳୀ ସଭାପତି ସୁଧାଂଶୁ ଶେଖର ବରାଳ ପ୍ରମୁଖ ଯୋଗ ଦେଇଥିଲେ।

**ଦଶରଥପୁର/ମଙ୍ଗଳପୁର:** ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ୍‌ରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ ମଙ୍ଗଳପୁର ବଜାର ସନ୍ନିକଟ ସାଇ ମନ୍ଦିରଠାରୁ କନିକାପଡ଼ା ପଞ୍ଚାୟତ ଅଫିସ୍ ପର୍ଯ୍ୟନ୍ତ ଦଳ ପକ୍ଷରୁ ଏକ ବିଶାଳ ବିକାଶ ସମ୍ବନ୍ଧୀୟ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ବ୍ଲକ୍ ବିଜେଡ଼ି ସଭାପତି ଅଜୟ କୁମାର ମହାନ୍ତି, ବ୍ଲକ୍


ବ୍ୟାସନଗର

ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସଙ୍କ ସମେତ ବ୍ଲକ୍‌ର ସବୁ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଆଗଧାଡ଼ିର ଦଳୀୟ କର୍ମୀ ସାମିଲ ହୋଇଥିଲେ। ପଦଯାତ୍ରା କନିକାପଡ଼ା ପଞ୍ଚାୟତ ଅଫିସ୍‌ରେ ପହଞ୍ଚିବା ପରେ ଦଳ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଦଳୀୟ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନର ଓଡ଼ିଶାରେ ହୋଇଥିବା ବିକାଶ ଓ ଉନ୍ନତିମୂଳକ କାର୍ଯ୍ୟକୁ କର୍ମୀମାନେ ଲୋକମାନଙ୍କ ନିକଟରେ ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ସକାଳ ୮ଟାରେ ଦଳ ପକ୍ଷରୁ ଯାଜପୁର ସହରସ୍ଥ ବିରଜା କଲ୍ୟାଣ ମଣ୍ଡପରେ ନିର୍ବାଚନ ମଣ୍ଡଳୀ ଅଧୀନ ଖଣ୍ଡରା, ଅକରପଡ଼ା ଓ ଚିତାଳୋ ପଞ୍ଚାୟତର କର୍ମୀ ରକ୍ତଦାନ ଶିବିରରେ ଭାଗ ନେଇ ରକ୍ତଦାନ କରିଥିଲେ। ସେହିପରି ପୂର୍ବାହ୍ନରେ ଦଳ ପକ୍ଷରୁ ମଙ୍ଗଳପୁର ବିଜୁ କଲ୍ୟାଣ ମଣ୍ଡପରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିବାବେଳେ ସେଥିରେ ବହୁସଂଖ୍ୟକ ଯୁବକର୍ମୀ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। ଏହି ୨ଟି ରକ୍ତଦାନ ଶିବିରରେ ବିଧାୟକ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ଜିଲ୍ଲା ସଭାପତି ସରୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ପାର୍ଥସାରଥୀ ମହାପାତ୍ର, ଆଦିକନ୍ଦ ସନ୍ଧିବିଗ୍ରହ, ଲକ୍ଷ୍ମୀନାରାୟଣ ସୁନ୍ଦରାୟ, କୁଞ୍ଜବିହାରୀ ଦାସ, ଅଶୋକ ନାୟକ, ନିରାକାର ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

**ବ୍ରହ୍ମବରଦା:** ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବରୀ ନିର୍ବାଚନ ମଣ୍ଡଳୀ ପକ୍ଷରୁ ୩୬ନଂ ଜୋନର ୧୦ଟି ପଞ୍ଚାୟତର ଲୋକଙ୍କୁ ନେଇ ଏକ ଗଣଦୌଡ଼ ଆୟୋଜନ କରାଯାଇଥିଲା। ଏହି ଗଣଦୌଡ଼ ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ଗ୍ରାମର ଉତ୍କଳମଣି ଗୋପବନ୍ଧୁ ଛକରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ଗଣଦୌଡ଼ରେ ମୁଖ୍ୟଅତିଥି ଭାବେ ଦୌଡ଼ରାଣୀ ଦୂତୀ ଚାନ୍ଦ ଯୋଗଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ। ଖଣ୍ଡାସ ଗ୍ରାମସ୍ଥ ଉତ୍କଳମଣି ଗୋପବନ୍ଧୁ ଛକଠାରୁ ଦøଡ଼ରାଣୀ ଦୂତୀ ଚାନ୍ଦ ମଶାଲ ଜଳାଇ ଗଣ ଦୌଡ଼ ଆରମ୍ଭ କରିଥିଲେ। ଏହି ଦୌଡ଼ରେ ବିଧାୟିକା ସୁନନ୍ଦା ଦାସଙ୍କ ସମେତ ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ରସୁଲପୁର ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ଦାସ, ୧୦ଟି ପଞ୍ଚାୟତର ସରପ, ସମିତି ସଭ୍ୟଙ୍କ ସହ ଶହ ଶହ ଜନସାଧାରଣ ଗଣଦୌଡ଼ରେ ସାମଲି ହୋଇ ବ୍ରହ୍ମବରଦାସ୍ଥିତ ହାଜିରହିମିଆଁ ଖେଳ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା।

**କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ବାରକଣାସ୍ଥ ନେତାଜୀ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଜୁ ଜନତା ଦଳ ର ଦୀର୍ଘ ୨୭ ବର୍ଷର ସଫଳତା ବିଷୟରେ ବିବରଣୀ ଦିଆଯାଇଥିଲା। ଦଳର ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ଆଗାମୀ ଦିନରେ ଦଳକୁ କେମିତି ଆହୁରି ସୁଦୃଢ଼ କରାଯିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ସଭାରେ ପୂର୍ବତନ ସରପଞ୍ଚ ଜଟାଧାରୀ ସାହୁ, ଦିଲ୍ଲୀପ ମଲ୍ଲିକ, ବାବନ ସାହୁ, ପ୍ରଫୁଲ୍ଲ ବାରିକ, ଟୁନା ରାଉତଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକଙ୍କୁ ଓଡ଼ିଆ କ୍ୟାଲେଣ୍ଡର ପ୍ରଦାନ କରାଯାଇଥିଲା। ସଭା ଶେଷରେ ଯୁବ ସଂଗଠକ ରମାକାନ୍ତ ବାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

**ବରୀ:** ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ, ବରୀ ଲୋକଙ୍କ ଆଶୀର୍ବାଦ ମୋ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ପାଞ୍ଚ ବର୍ଷ ପୂରିବାକୁ ଯାଉଛି। ଆପଣମାନଙ୍କ ସେବାରେ ମୁଁ ନିଜକୁ ଉତ୍ସର୍ଗୀକୃତ କରିଛି। ପ୍ରତି ମୂହୁର୍ତ୍ତରେ ଆପଣମାନଙ୍କ ନିକଟରେ ମୁଁ ପହଞ୍ଚିଛି ଓ ଅନୁରୂପ ଭାବେ ଆପଣମାନେ ମୋତେ ସେତିକି ଭଲ ପାଇବା ଦେଇଛନ୍ତି, ଜଣେ ମହିଳା ହିସାବରେ ମୁଁ ଆପଣମାନଙ୍କ ସେବା କରିବାର ସୁଯୋଗ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ବିକାଶ ଆହ୍ୱାନରେ ସାମିଲ ହୋଇ ବରୀ ନିର୍ବାଚନ ମଣ୍ଡଳୀର ଯାହା ବିକାଶ କରିଛି ତାହା ଆପଣମାନେ ସମସ୍ତେ ଜାଣିଛନ୍ତି। ଆପଣମାନଙ୍କ ଆଶୀର୍ବାଦ ନିଶ୍ଚୟ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ କରାଇବ ବୋଲି ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବରୀ ବିଧାୟିକା ସୁନନ୍ଦା ଦାସ ପ୍ରକାଶ କରିଛନ୍ତି।

ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଜାଣ ହାଟ ପଡିଆରେ ବରୀ ବିଜୁ ଜନତା ଦଳ ପକ୍ଷରୁ ଦଳର ୨୭ତମ ପ୍ରତିଷ୍ଠା ଦିବସ ବ୍ଲକ୍ ବିଜେଡି ସଭାପତି କେଦାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଧାୟିକା ଶ୍ରୀମତୀ ଦାସ କହିଲେ, ମୁଖ୍ୟମନ୍ତ୍ରୀ ମା'ମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଏସ୍‌ଏଚ୍‌ଜି ମା'ମାନେ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଯାହା ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇଛି। ଆଗକୁ ୨୦୨୪ ନୂଆ ବର୍ଷ ଆସୁଛି। ବରୀ ନିର୍ବାଚନ ମଣ୍ଡଳୀକୁ ରାଜ୍ୟରେ ସୁସ୍ଥ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ପାଇଁ ଆପଣମାନେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ତାହା ଆଗାମୀ ଦିନରେ ପ୍ରମାଣିତ କରିବ ବୋଲି ବିଧାୟିକା ଶ୍ରୀମତୀ ଦାସ କହିଥିଲେ।

ବରୀ ନିର୍ବାଚନ ମଣ୍ଡଳୀ ବିକାଶରେ ଯେଉଁମାନେ ଦିନେ ମାଟି ମୁଠାଏ ପକାଇ ନାହାନ୍ତି ସେମାନେ ଏବେ ରାସ୍ତା ଉପରେ ମାଳ ମାଳ ତୋରଣ କରି ଦେଖେଇ ହେଲେ ବରୀ ବିକାଶ ହେବନି। ବରୀ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ କହିଥିଲେ। ଯାଜପୁର ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ବରୀ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ନୀଳମଣି ସାମଲ, ଶିକ୍ଷାବିତ ଗଗନ ବିହାରୀ ଜେନା ପ୍ରମୁଖ ଯୋଗ ଦେଇ ଓଡ଼ିଶାର ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛି। ଯାହା ଆଜି ବିଶ୍ୱ ଦରବାରରେ ନବୀନ ଓଡ଼ିଶାର ନୂଆ ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ, ବରୀ ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ରସୁଲପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ଦାସ, ବରୀ ପଞ୍ଚାୟତର ସମିତି ପୂର୍ବତନ ଅଧ୍ୟକ୍ଷା ଅଯୋଧ୍ୟା ଜେନା, ପୂର୍ବତନ ବ୍ଲକ୍ ବିଜେଡି ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନା ନାଥଶର୍ମା, ଜିଲ୍ଲା ବିଜେଡିର ଉପସଭାପତି ଆର୍ତ୍ତବନ୍ଧୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବରୀ ବିଜେଡି ସଭାପତି କେଦାର ସମାଲ ବିଧାୟିକା ଶ୍ରୀମତୀ ଦାସଙ୍କ ସମେତ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ଦଳୀୟ ଶପଥ ପାଠ କରାଇଥିଲେ। ବିଧାୟିକାଙ୍କ ପକ୍ଷରୁ ଦଳ ପାଇଁ ଉତ୍ସର୍ଗୀକୃତ ବ୍ୟକ୍ତି ଶେଷଙ୍କ ସହିତ ବିଭିନ୍ନ ପଞ୍ଚାୟତର ସଭାନେତ୍ରୀ ଓ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସୁକିନ୍ଦା

ଆଜି ସୁକିନ୍ଦା ବ୍ଲକ ବିଜେଡି ପକ୍ଷରୁ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳ ପକ୍ଷରୁ ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ଫଳ ଓ ଖାଦ୍ୟ ବଣ୍ଟନ କରାଯାଇଥିଲା। ବିଜୁ ଜନତା ଦଳ କେବଳ ଏକ ରାଜନୈତିକ ଦଳ ନୁହେଁ, ଏକ ବିଚାରଧାରା ମଧ୍ୟ। ଯାହା ନିରନ୍ତର ଲୋକଙ୍କ ସେବାରେ ନିୟୋଜିତ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବ୍ଲକ ସଭାପତି ବିବେକାନନ୍ଦ ବୋଷ, ଯୁବ ସଭାପତି ସୁଜିତ ରାଉତ, ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ମହାନ୍ତି, ଆଇନଜୀବୀ ଚନ୍ଦ୍ରକାନ୍ତ ପାତ୍ର, ସରପଞ୍ଚ ସ୍ୱାଧୀନ ଦାସ, ନବଜ୍ୟୋତି ସାହୁ, ପଞ୍ଚାୟତ ସଭାପତି ବିଳାସ ବେହୁରାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ସୁକିନ୍ଦା ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।


ସୁକିନ୍ଦା



କବାଟବନ୍ଧ

# ମିଳିତ ଜନଅଭିଯୋଗ ଶୁଣାଣି ଶିବିର ୪୯ଟି ଅଭିଯୋଗର ତ୍ୱରିତ ସମାଧାନ



**ଯାଜପୁର/ବିଂଝାରପୁର, ୨୬ ।୧୨(ସମିସ):** ଆଜି ପୂର୍ବାହ୍ନରେ ବିଂଝାରପୁର ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୪୯ଟିର ତ୍ୱରିତ ସମାଧାନ ହୋଇଛି। ଜିଲ୍ଲାର ସମସ୍ତ ଅଧିକାରୀ ସହୃଦୟତାର ସହ ଅଭିଯୋଗର ସମାଧାନ ଦିଗରେ ଜନଶୁଣାଣି ଶିବିର ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଭିଯୋଗ ଶୁଣାଣିରେ ଅଧ୍ୟକ୍ଷତା କରି ପ୍ରକାଶ କରିଛନ୍ତି। ଏହି ମିଳିତ ଅଭିଯୋଗ ଶୁଣାଣି ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲଙ୍କ ସହଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ବିଂଝାରପୁର ବିଡିଓ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମଲ୍ଲିକ, ପାଣିକୋଇଲି ରାସ୍ତା ଓ କୋଠାବାଡ଼ି ଅଧୀକ୍ଷଣ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ଦଳାଇ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ଇଂ.କ୍ଷେତ୍ର ମୋହନ ସାହୁ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ପଟ୍ଟନାୟକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀ, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା. ଶ୍ରୀନିବାସ କର, ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନିବେଦିତା ପାଣି, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୋନାଲି ବେହେରା ପ୍ରମୁଖ ଯୋଗଦେଇ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ।

ଆଜିର ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୧୨ଟି ବ୍ୟକ୍ତିଗତ ଓ ୬୦ଟି ସମୂହ ଅଭିଯୋଗ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୧୫ଟି ଅଭିଯୋଗ ଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ୩୪ଟି ଅଭିଯୋଗ ଆସିଥିଲା। ୪୯ଟି ଅଭିଯୋଗର ଜିଲ୍ଲାପାଳ ଶ୍ରୀ ରାଠୋର ତ୍ୱରିତ ସମାଧାନ କରିଥିଲେ। ପଞ୍ଜିକୃତ ହୋଇଥିବା ଅଭିଯୋଗ ମଧ୍ୟରୁ ୫ଟି ଅଭିଯୋଗ ଅଭିଯୋଗକାରୀ ଅଭିଯୋଗ ସ୍ଥଳରେ ଅନୁପସ୍ଥିତ ଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାର ବରିଷ୍ଠ ପଦାଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ବରିଷ୍ଠ ଯନ୍ତ୍ରୀ, ସମ୍ପୃକ୍ତ ବ୍ଲକର ବ୍ଲକ ସ୍ତରୀୟ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ।

## ଗୋଲେଇପୁର ମହୋତ୍ସବ ଉଦ୍‌ଘାଟିତ




**ଶଙ୍ଖଚିଲା, ୨୬ ।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁରଠାରେ ସପ୍ତମ ବାର୍ଷିକ ଗୋଲେଇପୁର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜାତୀୟ ମାନବାଧିକାର କୋର କମିଟି ସଦସ୍ୟ ମନୋଜ ଜେନା ଯୋଗଦେଇ ମହୋତ୍ସବ ସମସ୍ତଙ୍କୁ ଗୋଟିଏ ସୁସମ୍ପର୍କର ସୂତାରେ ବାନ୍ଧି ରଖେ ଓ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କାହ୍ନୁଚରଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ମୋହନ ଚରଣ ଖୁଣ୍ଟିଆ ଯୋଗଦେଇ ମହୋତ୍ସବ ପରମ୍ପରାକୁ ଉଜ୍ଜୀବିତ କରେ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋଲେଇପୁରର ପୂର୍ବତନ ସରପଞ୍ଚ ନଳିନୀପ୍ରଭା ମହାନ୍ତି ଓ ଶିକ୍ଷାବିତ ମଦନମୋହନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ଆଲୋକ କୁମାର ଦାଶ ସଭା ପରିଚାଳନା କରିଥିବାବେଳେ ପ୍ରଦୀପ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଚିନ ଦାଶ, ଅଦ୍ୱୈତ ସାହୁ, ମଣ୍ଟୁ ମହାନ୍ତି, ମୁନା ମହାପାତ୍ର, ମାଗୁଣି ମଲ୍ଲିକ, ସୁଶାନ୍ତ ପଣ୍ଡା, ଅଜୟ ପଣ୍ଡା, ଅଜୟ ମିର୍ଜା, ରାଜୁସାଗର ସ୍ୱାଇ ପ୍ରମୁଖ ସହଯୋଗ କରିଥିଲେ।

### ନାବାଳିକାଙ୍କୁ ଜୋର ଜବରଦସ୍ତ ବିବାହ
## ଶିଶୁ ସୁରକ୍ଷା କମିଟି ଦ୍ୱାରା ଉଦ୍ଧାର

**ବାଲିଚନ୍ଦ୍ରପୁର, ୨୬।୧୨(ସମିସ):** ଜଣେ ନାବାଳିକାକୁ ପରିବାର ଲୋକେ ଜୋର ଜବରଦସ୍ତ ବିବାହ କରିବାକୁ ଉଦ୍ୟମ କରୁଥିଲେ। ଏହା ଜାଣିପାରି ନାବାଳିକା ଭୟରେ ଘରୁ କେଉଁଆଡ଼େ ପଳାଇ ଯାଉଥିବାବେଳେ ରାସ୍ତାରୁ ଜଣେ ଯୁବକ ତାଙ୍କୁ ଆଣି ଥାନାରେ ଜିମା ଦେଇଥିଲେ। ପରେ ପୁଲିସ ନାବାଳିକାକୁ ଜିଲ୍ଲା ଶିଶୁ ସୁରକ୍ଷା କମିଟିର ହସ୍ତାନ୍ତର କରିଥିବା ଜଣାଯାଇଛି। ଏଭଳି ଏକ ଘଟଣା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଘଟିଛି। ଏହି ନାବାଳିକାଙ୍କୁ କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳରେ ବାହା ଦେବା ପାଇଁ ଝିଅର ବାପାମାଆ ଉଦ୍ୟମ କରୁଥିଲେ। କମ୍ ବୟସରେ ବାହା ହେବାକୁ ଝିଅ ଅରାଜି ହେବା ସହିତ ଭୟରେ ସେ ଲୁଚିକରି ଆଜି ସକାଳେ ଘର ଛାଡ଼ି ପଳାଇ ଆସିଥିଲେ। ତେବେ ଝିଅଟି ଏହି ଥାନା ଅନ୍ତର୍ଗତ ଖଡ଼ିଅଙ୍ଗ ଗ୍ରାମ ପାଖ ରାସ୍ତା ଦେଇ କାନ୍ଦି କାନ୍ଦି ଯାଉଥିବାବେଳେ ସେହି ବାଟ ଦେଇ ବାଇକ୍‌ରେ ଯାଉଥିବା ମଝିପଡ଼ା ଗ୍ରାମର ଅଜୟ କୁମାର ବଳ ଝିଅଟି ପାଖରେ ଅଟକି ତାହାଠାରୁ ସମସ୍ତ କଥା ଜାଣି ପରେ ଶ୍ରୀ ବଳ ତାକୁ ବାଲିଚନ୍ଦ୍ରପୁର ଥାନା ଜିମା ଦେଇଥିଲେ। ଘଟଣା ସମୟରେ ପୁଲିସ ଝିଅଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ତା'ର ବାପାମାଆଙ୍କୁ ଥାନାକୁ ଡକାଇ ପରେ ଝିଅ ସହିତ ଏମାନଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା କମିଟିରେ ହାଜର କରାଇଥିଲେ। ତେବେ ଶିଶୁ ସୁରକ୍ଷା କମିଟି ଅଧିକାରୀ ଘଟଣାର ଅନୁସନ୍ଧାନ କରି ବାପାମାଆଙ୍କୁ ଛାଡି ଦେଇଥିବାବେଳେ ନାବାଳିକା ଝିଅକୁ ନିଜ ହେପାଜତରେ ରଖିଥିବା ଜଣାଯାଇଛି।

## ବାଲିଘାଟ ବିବାଦ; ୨ ଜଣ ଗିରଫ

**ଷଠିପୁର, ୨୬।୧୨(ସମିସ):** ବ୍ୟାସନଗର ତହସିଲ ଅନ୍ତର୍ଗତ କୋରେଇ ବ୍ଲକର ମୂଳାପାଳ ପଞ୍ଚାୟତର ଧନତ୍ରୀ ଓ ରଣପାଳ ବାଲିଘାଟକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ରଣପାଳ ଗ୍ରାମର ଅନନ୍ତ ନାୟକ ଓ ବ୍ରଜନଗର ଗ୍ରାମର ଶ୍ରୀକାନ୍ତ ଧଳ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୁଲିସ ଦୁଇଟି ମାମଲା ରୁଜୁ କରିଥିଲା। ଅନନ୍ତଙ୍କ ଅଭିଯୋଗ କ୍ରମେ ୩୮୩/୨୩ ଓ ଶ୍ରୀକାନ୍ତଙ୍କ ଅଭିଯୋଗ କ୍ରମେ ୩୮୪/୨୩ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମବାର ରାତିରେ ୩୮୩/୨୩ ମାମଲାରେ ବ୍ରଜନଗର ଗ୍ରାମର ପ୍ରଫୁଲ୍ଲ କୁମାର ଧଳଙ୍କ ପୁଅ ଶ୍ରୀକାନ୍ତ ଓ ୩୮୪/୨୩ ମାମଲାରେ ରଣାପଳ ଗ୍ରାମର ପରୀକ୍ଷିତ ଖଟୁଆଙ୍କ ପୁଅ ଚକ୍ରଧରଙ୍କୁ ଗିରଫ କରିଥିବାବେଳେ ଆଜି ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ଡିଜେଲ୍ ଚୋରି ଅଭିଯୋଗରେ ୨ କୋର୍ଟ ଚାଲାଣ

**କାଳିଆପାଣି, ୨୬।୧୨(ସମିସ):** ଆଜି କାଳିଆପାଣି ପୁଲିସ ଡିଜେଲ ଚୋରି ଅଭିଯୋଗରେ ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗତ ୨୩ ତାରିଖ ଦିନ ସାଉଥ କାଳିଆପାଣିଠାରେ ଥିବା କଣ୍ଟେଇ ଟ୍ରାନ୍ସପୋର୍ଟରୁ ଦୁଇଜଣ ଡିଜେଲ ଚୋରି କରିଥିବା କାଳିଆପାଣି ଥାନାରେ ଅଭିଯୋଗ ହୋଇଥିଲା। ତେବେ ତିନିଦିନ ପରେ ଆଜି ଡିଜେଲ ଚୋରି କରିଥିବା ସର୍ବେଶ୍ୱର ମହାନ୍ତ ଓ ଶ୍ରୀକୃଷ୍ଣ ମହାନ୍ତ କାଳିଆପାଣି ଥାନାରେ ଆତ୍ମସମର୍ପଣ କରିଥିଲେ। କାଳିଆପାଣି ପୁଲିସ ମାମଲା ରୁଜୁ କରି ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛି।

## ଘରୋଇ ହସ୍ପିଟାଲ ନାମରେ ଠକେଇ ଅଭିଯୋଗ

**କୋରେଇ, ୨୬ ।୧୨(ସମିସ):** ବିନା ଅସ୍ତ୍ରୋପଚାର ଓ ଚିକିତ୍ସାରେ ରୋଗୀଙ୍କ ସ୍ୱାସ୍ଥ୍ୟ କାର୍ଡ଼ରୁ ଟଙ୍କା କାଟି ନିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଠକେଇ କରାଯାଇଥିବା ଅଭିଯୋଗରେ ଯାଜପୁର ଜିଲ୍ଲା କୋରେଇ ଥାନା ପାଟରଙ୍ଗା ଗ୍ରାମରେ ଏହି ଘରୋଇ ହସ୍ପିଟାଲର ମାର୍କେଟିଂ ମ୍ୟାନେଜର ତଥା ନିଜକୁ ଡାକ୍ତର ପରିଚୟ ଦେଉଥିବା ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଛନ୍ତି ଗ୍ରାମବାସୀ।

ଅଭିଯୋଗ ମୁତାବକ, ଗତ କିଛିଦିନ ତଳେ ହିମାଂଶୁ ଦାସ ନାମକ ଜଣେ ବ୍ୟକ୍ତି ପାଟରଙ୍ଗା ଗ୍ରାମକୁ ଆସି ନିଜକୁ ସାଇ ସବୁରି ହସ୍ପିଟାଲର କର୍ମଚାରୀ ବା ମେଡିସିନ ବିଭାଗର ଡାକ୍ତର ପରିଚୟ ଦେଇ ଏଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କରିବାକୁ କହିଥିଲେ। ସରପଞ୍ଚଙ୍କ ଅନୁମତି ମିଳିବା ପରେ ଗାଁରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ୩୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ଓ ବିଭିନ୍ନ ଅସ୍ତ୍ରୋପଚାର କରାଇବା ପାଇଁ ଉକ୍ତ ମେଡିକାଲକୁ ନିଆଯାଇଥିଲା। ସେଠାରେ ଅନେକ ରୋଗୀଙ୍କୁ ଚିକିତ୍ସା ଓ ଅସ୍ତ୍ରୋପଚାର କରା ନ ଯାଇ ଛାଡ଼ି ଦିଆଯାଇଥିଲା। ଏଥିସହିତ ସେମାନଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ରୁ ଟଙ୍କା କାଟି ନିଆଯାଇଥିଲା। ପରେ ଏ ନେଇ ସମ୍ପୃକ୍ତ ବ୍ୟକ୍ତି ହିମାଂଶୁ ଦାସଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଧରାଛୁଆଁ ଦେଇ ନ ଥିଲେ। ତେବେ ଆଜି ହିମାଂଶୁ ନିକଟସ୍ଥ ଏକ ଗ୍ରାମକୁ ଆସିଥିବାବେଳେ ପାଟରଙ୍ଗା ଗ୍ରାମବାସୀ ତାଙ୍କୁ କାବୁ କରି ଗ୍ରାମକୁ ଆଣି ଅଟକ ରଖିଥିଲେ। ଏ ନେଇ ଗ୍ରାମବାସୀ ପୁଲିସକୁ ଜଣାଇଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଆହତ ୧୧ ଛାତ୍ରଛାତ୍ରୀଙ୍କ ଘରେ ଡାକ୍ତରୀ ଦଳର ଚିକିତ୍ସା

**ସୁକିନ୍ଦା, ୨୬।୧୨(ସମିସ):** ରବିବାର ବିଳମ୍ବିତ ରାତିରେ ବସ୍ ଦୁର୍ଘଟଣା ଘଟି ଆଶୋକଝର ହାଇସ୍କୁଲର ଦୁଇ ଶିକ୍ଷକ ଓ ୧୧ଜଣ ଛାତ୍ରଛାତ୍ରୀ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ସେମାନଙ୍କ ନିକଟରେ ପହଞ୍ଚି ଚିକିତ୍ସା ଯୋଗାଇ ଦେଇଥିବା ଜଣାପଡ଼ିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୁସ୍ଥ ଅଶୋକଝର ହାଇସ୍କୁଲର ୪୦ ଜଣ ଛାତ୍ରଛାତ୍ରୀ ଓ ଦୁଇ ଶିକ୍ଷକଙ୍କୁ ନେଇ ଷ୍ଟଡି ଟୁର୍‌ରେ ଭୁବନେଶ୍ୱର ଯାଉଥିବା ଏକ ଯାତ୍ରୀବାହୀ ବସ ଚଣ୍ଡିଖୋଲ କଟକ ରାସ୍ତାର ବଡ଼ଚଣା ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏକ ଦ୍ରୁତଗାମୀ ଟ୍ରକ୍ ବସକୁ ପଛପଟୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୧୧ ଜଣ ଛାତ୍ର ଛାତ୍ରୀ ଓ ଦୁଇଜଣ ଶିକ୍ଷକ ଆହତ ହୋଇଥିଲେ।



### ନାବାଳିକା ଦୁଷ୍କର୍ମ ମାମଲା
## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍; ଦେଢ଼ ଲକ୍ଷ ଟଙ୍କା ଜରିମାନା

**ଯାଜପୁର, ୨୬ ।୧୨(ସମିସ):** ଜଣେ ନାବାଳିକା ସ୍କୁଲ ଛାତ୍ରୀକୁ ସମ୍ପୃକ୍ତ ସ୍କୁଲର ଅତିରିକ୍ତ ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗରେ ଅଭିଯୁକ୍ତ ଶିକ୍ଷକ ମୋହନ ଭୂୟାଁକୁ ୨୦ ବର୍ଷ ଜେଲ, ୧ ଲକ୍ଷ ୫୦ ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍।

ସୂଚନା ମୁତାବକ, ପାଣିକୋଇଲି ଥାନା ଅନ୍ତର୍ଗତ ଜଣେ ୧୧ ବର୍ଷୀୟା ନାବାଳିକା ଓ ତା'ର ସହପାଠିନୀ ସହ ନିଜ ବିଦ୍ୟାଳୟର ଅତିରିକ୍ତ ଶିକ୍ଷକ ମୋହନ ଭୂୟାଁଙ୍କ ନିକଟକୁ ଟ୍ୟୁସନ୍ ହେବାକୁ ପ୍ରତ୍ୟେକ ଦିନ ସକାଳ ୭ରୁ ଯାଉଥିଲେ। ଶିକ୍ଷକ ଜଣକ ଉଭୟଙ୍କୁ ଖରାପ ଦୃଷ୍ଟିରେ ଦେଖି ୨ ଜଣଙ୍କୁ ଅଲଗା ସମୟରେ ଟ୍ୟୁସନ୍ ଆସିବା ପାଇଁ କହିଥିଲେ। ସେହି ଅନୁସାରେ ୨ ଜଣ ଛାତ୍ରୀ ଟ୍ୟୁସନ୍ ଆସୁଥିବାବେଳେ ପ୍ରାୟ ୧୫ ଦିନ ଧରି ଉଭୟଙ୍କୁ ଶିକ୍ଷକ ଜଣକ ଦୁଷ୍କର୍ମ କରିଆସୁଥିଲେ। ଏହି ଘଟଣାର ଅତିଷ୍ଠ ହୋଇ ୨୦୨୦ ମାର୍ଚ୍ଚ ମାସ ୬ ତାରିଖ ଦିନ ୨ଜଣ ଛାତ୍ରୀ ସେମାନଙ୍କ ଅଭିଭାବକଙ୍କୁ ଜଣାଇବା ପରେ ସେମାନେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ଏହା ବୁଝିବା ପାଇଁ କହିଥିଲେ ମଧ୍ୟ ଶିକ୍ଷକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ପରେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ କରାଯିବା ପରେ ଅଭିଭାବକଙ୍କ ଅଭିଯୋଗକୁ ଏତଲା ଭାବେ ଗ୍ରହଣ କରି ପାଣିକୋଇଲି ଥାନାରେ ୬୨/୨୦୨୦ ଓ ୬୩/୨୦୨୦ରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଏହି ମାମଲାକୁ ଭିତ୍ତି କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମଙ୍ଗଳବାର ଦିନ ଅତିରିକ୍ତ ଜିଲ୍ଲା ଦୌରାଜଜ ଅଭିଜିତ ପଲାଇ ୬୨/୨୦୨୦ ମାମଲାର ଚୂଡାନ୍ତ ଶୁଣାଣି କରି ପକ୍ସୋ ଧାରା ଅନୁଯାୟୀ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅନାଦେୟରେ ଅଧିକ ୧୮ ମାସ ଜେଲ୍ ଦଣ୍ଡାଦେଶ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୀଡିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଜିଲ୍ଲା ଆଇନ୍ ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରିଥିଲେ।

## ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜରେ ସ୍ୱାସ୍ଥ୍ୟ ଶିବିର




**କବାଟବନ୍ଧ, ୨୬।୧୨ (ସମିସ):** ଗୋପବନ୍ଧୁ ପ୍ରେସ୍ କ୍ଲବ ଓ ଆଇଆଇଟି ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦ ପାତ୍ର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ସାଂସଦଙ୍କ ପ୍ରତିନିଧି ଉତ୍କଳମଣି ଦାସ, ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ରାଇଛନ୍ଦା ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ ମଲ୍ଲିକ, ସମାଜସେବୀ ବିକାଶ ଦାସ, କବାଟବନ୍ଧ ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଗଜେନ୍ଦ୍ର ପାତ୍ର, ଶିକ୍ଷାବିତ କୃଷ୍ଣଚନ୍ଦ୍ର ସାହୁ, ଟିକମ ମଲ୍ଲିକ, ପୂର୍ବତନ ସରପଞ୍ଚ ତାପସ ପଣ୍ଡା, ରବୀନ୍ଦ୍ର ସାହୁଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଏ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରରେ ଶ୍ୱାସରୋଗ ବିଶେଷଜ୍ଞ ବରିଷ୍ଠ ଡାକ୍ତର ଦାମୋଦର ବିନ୍ଧାଣି, ଭେଷଜ ବିଶେଷଜ୍ଞ ଡାକ୍ତର ସ୍ୱରୂପ ଭଞ୍ଜ, ହୃଦରୋଗ ବିଶେଷଜ୍ଞ ଡାକ୍ତର ବିକ୍ରମ କେଶରୀ ମହାପାତ୍ରଙ୍କ ସମେତ ଅନ୍ୟ ଡାକ୍ତରମାନେ ଯୋଗଦେଇ ଇସିଜି, ଡାଇବେଟିସ, ରକ୍ତଚାପ ଆଦି ପରୀକ୍ଷା କରିବା ସହିତ ୧୧୨ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିବା ସହିତ ପରାମର୍ଶ ଦେଇଥିଲେ।

## ସ୍କ୍ରାପ୍ ବୋଝେଇ ଟ୍ରକ୍‌ରୁ ବିଦ୍ୟୁତ୍ ଖୁଣ୍ଟ ଜବତ

**ପାଣିକୋଇଲି, ୨୬।୧୨(ସମିସ):** ପାଣିକୋଇଲି ପୁଲିସ ସ୍କ୍ରାପ୍ ବୋଝେଇ ଟ୍ରକ୍‌କୁ ଜବତ କରିବା ସହିତ ତା' ମଧ୍ୟରୁ କଟା ଇଲେକ୍ଟ୍ରି ପୋଲ ଜବତ କରିବା ସହ ଟ୍ରକ୍ ଚାଳକ ଓ ମ୍ୟାନେଜରକୁ ଗିରଫ କରି ଅଦାଲତ ଚାଲାଣ କରିଛି। ୧୬ନଂ ଜାତୀୟ ରାଜପଥରେ ଏକ ଟ୍ରକ ଯୋଗେ ଚୋରା ବିଦ୍ୟୁତ ଖୁଣ୍ଟ ଚାଲାଣ ହେଉଥିବା ଖବର ପାଣିକୋଇଲି ପୁଲିସକୁ ମିଳିଥିଲା। ପାଣିକୋଇଲି ପୁଲିସ ଏହାକୁ ଧରିବାକୁ ଯୋଜନା କରିଥିଲା। ରାଜପଥର ଷଠିପୁରଠାରେ ଏକ ଟ୍ରକ୍‌କୁ ଅଟକାଇ ଯାଞ୍ଚ ପରେ ସେଥିରେ କଟା ବିଦ୍ୟୁତ ଖୁଣ୍ଟ ଥିବା ଦେଖିବାକୁ ମିଳିଥିଲା। ଉକ୍ତ ଟ୍ରକ୍‌କୁ ଧରି ଥାନାକୁ ଆଣିବା ପରେ ଯାଜପୁର ସଦର ଥାନା ଅନ୍ତର୍ଗତ ବ୍ରହ୍ମବାଜପୁର ଗ୍ରାମର ରାମଚନ୍ଦ୍ର ରଣାଙ୍କ ଗୋଦାମରୁ ଏହା ଲୋଡ ହୋଇଥିବା ଜଣାପଡ଼ିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ଟ୍ରକ୍ ଚାଳକ ବୈରି ଥାନା ଅନ୍ତର୍ଗତ କମ୍ପାନୀ ବଜାରର ପ୍ରତାପ ସିଂହଙ୍କ ପୁଅ ବିଶ୍ୱନାଥ(୨୬) ଓ ଟ୍ରକରେ ଥିବା ମ୍ୟାନେଜର ମାଧବ ଦଳେଇଙ୍କ ପୁଅ ପ୍ରଦୀପ (୨୮)କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଭେଟେରାନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
## ସୁଶାନ୍ତ ଷ୍ଟାଲିୟନକୁ ହରାଇ ବିମଳ ବ୍ଲାଷ୍ଟ ଚାମ୍ପିଅନ୍



**ମଙ୍ଗଳପୁର, ୨୬।୧୨(ସମିସ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତସ୍ଥ ଧନୀପୁର ଲକ୍ଷ୍ମୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଭେଟେରାନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବିମଳ ବ୍ଲାଷ୍ଟ କ୍ରିକେଟ୍ ଟିମ୍ ଚାମ୍ପିଅନ୍ ହୋଇଛି। ଫାଇନାଲ ମ୍ୟାଚ୍ ବିମଳ ବ୍ଲାଷ୍ଟ କ୍ରିକେଟ ଟିମ୍ ଓ ସୁଶାନ୍ତ ଷ୍ଟାଲିୟନ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ବିମଳ ବ୍ଲାଷ୍ଟ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ୱିକେଟ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ଜବାବରେ ସୁଶାନ୍ତ ଷ୍ଟାଲିୟନ ୩୦ ଓଭରରେ ୯ ୱିକେଟ ହରାଇ ୧୫୧ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ସତ୍ୟବ୍ରତ ପୃଷ୍ଟି ମ୍ୟାନ ଅଫ୍ ଦି ମ୍ୟାଚ ଓ ସନ୍ଦୀପ ରାୟ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଜ୍ୟୋତିଶଙ୍କର ରାୟ ଓ ରାଜେନ୍ଦ୍ର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ।

ପୁରସ୍କାର ବିତରଣ ସଭା ବିମଳ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିନ୍ଦୁସାଗର ସାମଲ, ମୁଖ୍ୟବକ୍ତା ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁ, ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ନାୟକ, ନୃସିଂହ ଚରଣ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବିଜୟୀ ଦଳକୁ ଚାମ୍ପିଅନ ଟ୍ରଫି ଓ ପରାଜିତ ଦଳକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ପ୍ରିୟବ୍ରତ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଶମ୍ଭୁନାଥ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଅଭିଯୋଗ



**ଯାଜପୁର, ୨୬ ।୧୨(ସମିସ):** ଯାଜପୁର ସହର ସଂଲଗ୍ନ ପଣସା ପଞ୍ଚାୟତରେ ଥିବା ଏକ ମଦ ଦୋକାନକୁ ବିଂଝାରପୁର ବ୍ଲକର ଶାସନ୍ଦା ପଞ୍ଚାୟତକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ତହସିଲଦାର ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଥିବାବେଳେ ଲୋକେ ତାଙ୍କୁ ବିରୋଧ କରିଥିଲେ। ଅନ୍ୟପକ୍ଷରେ ଆଜି ବିଂଝାରପୁର ବ୍ଲକ ଶାସନ୍ଦା ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଭେଟି ପ୍ରସ୍ତାବିତ ମଦ ଦୋକାନ ଖୋଲିବାକୁ ବିରୋଧ କରିଛନ୍ତି। ପ୍ରସ୍ତାବିତ ସ୍ଥାନ ନିକଟରେ ସ୍କୁଲ ଓ ମନ୍ଦିର ଥିବାବେଳେ ପାଖରେ ଦଳିତ ସମ୍ପ୍ରଦାୟ ଲୋକଙ୍କ ବାସସ୍ଥାନ ରହିଛି। ଏଠାରେ ମଦ ଦୋକାନ ଖୋଲାଗଲେ ନାନା ଅପ୍ରୀତିକର ପରିସ୍ଥିତି ସାମ୍ନାକୁ ଆସିବ ବୋଲି ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି। ଏହି ପ୍ରସ୍ତାବିତ ମଦ ଦୋକାନକୁ ଅନୁମତି ନ ଦେବାକୁ ପଞ୍ଚାୟତର ସରପଞ୍ଚ କାମଦେବ ଧଳଙ୍କ ସମେତ ତରୁଣ କୁମାର ଜେନା, ବିରଞ୍ଚି ବାରିକ, ବସନ୍ତ ରଣା, ଗୌରାଙ୍ଗ ବାରିକ, କୁଞ୍ଜ ବେହେରା ପ୍ରମୁଖଙ୍କ ସହ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ସିଂହପୁର ଜୁନିୟର ପ୍ରିମିୟର ଲିଗ୍: ଫ୍ୟୁଚର ଇଲେଭେନ ଚାମ୍ପିଅନ୍

**ସିଂହପୁର, ୨୬।୧୨(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାର ନିକଟ ପଡ଼ିଆରେ ସିଂହପୁର ଜୁନିଅର ପ୍ରିମିୟମ ଲିଗ୍ ଫାଇନାଲ ମ୍ୟାଚ୍‌ରେ ଲାୟନ୍ସ ଷ୍ଟାରକୁ ହରାଇ ଫ୍ୟୁଚର ଇଲେଭେନ କିଙ୍ଗ୍ ଚାମ୍ପିଅନ୍ ହୋଇଛି। ଉଦଯାପନୀ ଉତ୍ସବରେ ଅତିଥି ଭାବେ ଡଃ ସେକ ସୋଏବ ଅହମଦ, ବରିଷ୍ଠ ସାମ୍ବାଦିକ ଅନିରୁଦ୍ଧ ବେଉରିଆ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶୁଭେନ୍ଦୁ ବେଉରିଆ, ବିକ୍ରମ ବେଉରିଆ ଖେଳ ପରିଚାଳନା କରିଥିବାବେଳେ ପ୍ରଦୀପ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିଅନ ଦଳ ମାଲିକ ଅମିତ ପ୍ରିୟଦର୍ଶୀ ବେଉରିଆ, ରନର୍ସ ଟିମ ମାଲିକ ସନ୍ଦୀପ ବେଉରିଆ, ଅଙ୍କିତ ବେଉରିଆ, କୁନିର ଦାଶ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମଶାଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



**ଧର୍ମଶାଳା, ୨୬ ।୧୨(ସମିସ):** ଧର୍ମଶାଳା ମହୋତ୍ସବା ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁକ୍ତ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନନ୍ଦପୁରସ୍ଥ ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ବିଭିନ୍ନ ଆଧୁନିକ ଓ ଭକ୍ତି ଭାବପୂର୍ଣ୍ଣ ନୃତ୍ୟ କଳାକାର ପରିବେଷଣ କରିଥିଲେ। ଗଣେଶ ବନ୍ଦନା ଓ ସିଏ ମୋ ଜଗନ୍ନାଥ... ଆଦି ଗୀତରେ କଳାକାରଙ୍କ ଭାବବିହ୍ୱଳ ଅଭିନୟ ବେଶ୍ ଉଚ୍ଚକୋଟୀର ରହିଥିଲା। କଣ୍ଠଶିଳ୍ପୀମାନେ ଭଜନ ଓ ଆଧୁନିକ ଗୀତ ଗାଇ ମନୋରଞ୍ଜନର ମାହୋଲ ସୃଷ୍ଟି କରିଥିଲେ। ମହୋତ୍ସବ ପଡ଼ିଆରେ ଧୀରେ ଧୀରେ ଲୋକ ଭିଡ଼ ବଢ଼ିବାରେ ଲାଗିଛି। ବିଶେଷକରି ଖାଦ୍ୟ ଦୋକାନ ନିକଟରେ ଭିଡ ଦେଖିବାକୁ ମିଳୁଛି। କମିଟିର କର୍ମକର୍ତ୍ତା କିପରି ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସୁଚାରୁରୂପେ କରାଯିବ ସେଥିପାଇଁ ନଜର ରଖିଥିବାବେଳେ ଧର୍ମଶାଳା ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପଦକ୍ଷେପ ନିଆଯାଇଥିଲା।

## ବାଜପେୟୀଙ୍କ ଜୟନ୍ତୀରେ କମ୍ବଳ ବଣ୍ଟନ

**ଦଶରଥପୁର, ୨୬।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିବସକୁ ସାରା ଦେଶରେ ସୁଶାସନ ଦିବସ ଭାବେ ପାଳନ କରାଯାଇଛି। ଚଳିତ ବର୍ଷ ବାଜପେୟୀଙ୍କ ୯୯ତମ ଜନ୍ମଜୟନ୍ତୀ ଉପଲକ୍ଷେ ଦଶରଥପୁର ବ୍ଲକରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କମଳାକାନ୍ତ ମିଶ୍ର ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସମାରୋହର ଆୟୋଜନ କରାଯାଇଥିଲା। କୁଆଖିଆ-କୟାଁଗୋଲା ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ଝୁମ୍ପୁରୀ ବଜାର ସନ୍ନିକଟ କଣ୍ଟ ମଣ୍ଡପରେ ଆୟୋଜିତ ସମାରୋହରେ କେନ୍ଦ୍ର ଆଦିବାସୀ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅସହାୟ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏ ଅବସରରେ ଟ୍ରଷ୍ଟର ମହାସଚିବ ସଞ୍ଜୟ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଯାଜପୁର ନଗର ବିଜେପି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିଭା ଶତପଥୀ, ପୂର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡ଼ା, ଯୋଗଗୁରୁ ନାଗେଶ୍ୱର ବାବା, ରାଜ୍ୟ ଉପସଭାନେତ୍ରୀ ମନୀଷା ଚିନ୍ମୟୀ ବେହେରା, ପାର୍ଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

